# ଭୂମିକା

ସଭ୍ୟତାର ଆରମ୍ଭରୁ ଲୋକସାହିତ୍ୟର ଧାରା ପ୍ରବାହିତ ହୋଇ ଆସୁଅଛି। ସାମାଜିକ, ସାଂସ୍କୃତିକ ଓ ଅର୍ଥନୀତିକ ସ୍ଥିତି ସହ ଏହା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବାସ୍ତବତା ଦୃଷ୍ଟିରୁ ଦେଖିଲେ ସମସାମୟିକ ସମାଜର ପ୍ରତିଫଳିତ ରୂପଚିତ୍ର ପ୍ରଦାନ କରେ ଏହି ସାହିତ୍ୟ। ଲୋକ ସାହିତ୍ୟର ସଂଗ୍ରହ ଓଡ଼ିଶାରେ ବେଶି ଦିନର ନୁହେଁ, ଊନବିଂଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ବହୁବ୍ୟକ୍ତି ଲୋକସାହିତ୍ୟର ସଂଗ୍ରହ କାର୍ଯ୍ୟରେ ମନୋନିବେଶ କରିଛନ୍ତି। ଗୋପାଳ ଚନ୍ଦ୍ର ପ୍ରହରାଜ, ଚକ୍ରଧର ମହାପାତ୍ର, କୁଞ୍ଜ ବିହାରୀ ଦାଶ, ପ୍ରସନ୍ନ କୁମାର ମିଶ୍ର, ଶ୍ୟାମ ସୁନ୍ଦର ମହାପାତ୍ର, କୁମୁଦ ରଞ୍ଜନ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପ୍ରଧାନ ଓ କଇଳାଶ ପଟ୍ଟନାୟକଙ୍କ ସଂଗ୍ରହ କ୍ଷେତ୍ରରେ ସେମାନଙ୍କ ଅବଦାନ ସ୍ୱୀକାର୍ଯ୍ୟ। ଲୋକସାହିତ୍ୟର ଉପଯୋଗିତା ଓ ତହିଁରେ ବିଭିନ୍ନ ସଂପ୍ରଦାୟର ଭାଷା, ଇତିହାସ, ସଂସ୍କୃତିକୁ ଆବିଷ୍କାର କରିବାପାଇଁ ଅନେକ ବ୍ୟକ୍ତି ଆଗଭର ହୋଇଛନ୍ତି। ଏହା ମୌଖିକ ପ୍ରସାର ହେଉଥିବା ହେତୁ ଏହି ସାହିତ୍ୟରେ ଦେବତା, ଭୁତପ୍ରେତ, ବେତାଳ, ଯକ୍ଷ, ରାଜା, ମନ୍ତ୍ରୀ, ସାଧବ କଟୁଆଳ, ପଶୁପକ୍ଷୀ ଓ ନିର୍ଜୀବ ବସ୍ତୁ ଚରିତ୍ର ହୋଇଥାଆନ୍ତି, ମାତ୍ର ସେମାନଙ୍କ ମାଧ୍ୟମରେ ସମାଜକୁ ଶୃଙ୍ଖଳିତ କରିବାର ସମାଧାନର ବାଟ ମିଳିଯାଏ। ଲୋକ ସାହିତ୍ୟ ମଣିଷ ସମାଜର ସଂସ୍କୃତି, ଅର୍ଥନୀତି ଓ ସାମାଜିକ ଜୀବନ ସହ ସଂଶ୍ଳିଷ୍ଟ ଦୃଷ୍ଟିରୁ ବାଥୁଡ଼ି ଲୋକ ସାହିତ୍ୟ ମଧ୍ୟ ସେଥିରୁ ବାଦ୍ ଯାଇନାହିଁ। ପୁଣି ଲୋକ ସାହିତ୍ୟ ଗୋଟିଏ ଜାତିର ଜୀବନ ବେଦ ବା ଲୋକ ଜୀବନର ସାମାଜିକ, ଐତିହାସିକ ଓ ନୃତାତ୍ତ୍ୱିକ ଦିଗକୁ ଆବିଷ୍କାର କରେ। ତେଣୁ ବାଥୁଡ଼ି ଲୋକସାହିତ୍ୟକୁ ଆଲୋଚନାର ପରିସରକୁ ଆଣି ସେଗୁଡ଼ିକର ସ୍ୱକୀୟ ବୈଶିଷ୍ଟ୍ୟ ପ୍ରତିପାଦନ କରିବା ନିବନ୍ଧର ମୁଖ୍ୟ ବିଷୟ ହୋଇଛି।

ଓଡ଼ିଶାର ୬୨ ପ୍ରକାର ଆଦିବାସୀ ମଧ୍ୟରୁ ବାଥୁଡ଼ି ସମ୍ପ୍ରଦାୟ ଅନ୍ୟତମ। ଏମାନେ କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ୱରର ନୀଳଗିରି ଅଂଚଳରେ ବହୁଳ ଭାବରେ ବସବାସ କରିଥାନ୍ତି। ଏତଦ୍ ବ୍ୟତୀତ ଅଧୁନା ଓଡ଼ିଶାର ଅନ୍ୟ ଜିଲ୍ଲା ଗୁଡ଼ିକରେ ମଧ୍ୟ ବସବାସ କରୁଥିବାର ଜଣାଯାଏ। ୨୦୧୧ ଜନଗଣନା ଅନୁସାରେ ଏମାନଙ୍କ ଜନସଂଖ୍ୟା ୨,୧୭,୩୯୫ ଜଣ।

ପୂର୍ବେ ବଣ ଜଙ୍ଗଲରେ ବାସ କରୁଥିବା ବାଥୁଡ଼ିମାନେ ସମୟକ୍ରମେ ସମତଳ ଅଞ୍ଚଳକୁ ଆସି ଘରଦ୍ୱାର କଲେ ଓ କୃଷିକୁ ଜୀବିକା ରୂପେ ଗ୍ରହଣ କଲେ। ସ୍ୱାଧୀନତା ପରେ ଅନେକ କ୍ଷେତ୍ରରେ ଏମାନଙ୍କର ପରିବର୍ତ୍ତନ ଲକ୍ଷ୍ୟ କରାଗଲା। ଏମାନେ ଏରିୟାନ୍ ପରିବାରର ଉତ୍ତରାଞ୍ଚଳ ଓଡ଼ିଆଭାଷା ବ୍ୟବହାର କରନ୍ତି। ଅର୍ଥନୀତିର ସ୍ଥିତି କଥା ବିଚାରକୁ ନେଲେ ବାଥୁଡ଼ି ସମ୍ପ୍ରଦାୟର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ।

ସାମାଜିକ ଓ ଅର୍ଥନୈତିକ ପରି ସଂସ୍କୃତି ସହିତ ମଧ୍ୟ ଲୋକସାହିତ୍ୟର ରହିଛି ନିବିଡ଼ ସମ୍ପର୍କ। ବାଥୁଡ଼ିମାନଙ୍କ ସଂସ୍କୃତିର ମୂଳ ଆଧାର 'ବଡ଼ାମ'। 'ବଡ଼ାମ' ପୂଜା ଉତ୍ସବରେ ଭାଇଭଉଣୀମାନେ ଚାଙ୍ଗୁ ନୃତ୍ୟ କରି ବହୁ ଲୋକଙ୍କୁ ଉତ୍ସାହିତ କରନ୍ତି। ବାଥୁଡ଼ି ଓ ବଡ଼ାମ ଦୁହେଁ ପରିପୂରକ। ପ୍ରତିଟି କ୍ଷେତ୍ରରେ ସେମାନେ ବଡ଼ାମକୁ ସ୍ମରଣ କରି 'ଜୟ ବଡ଼ାମ' ଧ୍ୱନି ଦେଇଥାନ୍ତି। ଏମାନଙ୍କ ଲୋକ ସାହିତ୍ୟରେ ବଡ଼ାମଗୀତ, ଦୋଳିଗୀତ, ଶିଶୁଗୀତ, ବିବାହଗୀତ, ରାଜାମନ୍ତ୍ରୀ ସାଧବ କଟୁଆଳ ବିଷୟକ କାହାଣୀ, ଦେବତା ଭୂତ ବେତାଳ ଯକ୍ଷ ବିଷୟକ କାହାଣୀ, ଅପ୍‌ସରା ଅସୁର ଅସୁରୁଣୀ ବିଷୟକ କାହାଣୀ, ସାମାଜିକ ଜୀବନ ବିଷୟକ କାହାଣୀ, ପ୍ରବାଦ, ପ୍ରବଚନ, ଢଗଢମାଳି ଓ ନାଁଦିଆ ବାଥୁଡ଼ି ସମାଜରେ ଭରପୁର ହୋଇ ରହିଛି। ଏଗୁଡ଼ିକର ସ୍ୱାତନ୍ତ୍ର୍ୟ ସେମାନଙ୍କ ଭାଷାରେ ପରିଲକ୍ଷିତ ହୁଏ। ଏହି ଲୋକ ସାହିତ୍ୟ ଭିତରେ ବାଥୁଡ଼ି ସମାଜର ଚିତ୍ର, ତା'ର ମନସ୍ତାତ୍ତ୍ୱିକ ଚିତ୍ର, ପାରିବାରିକ ସହାବସ୍ଥାନ, ସାହିତ୍ୟିକ ମୂଲ୍ୟ, ଐତିହାସିକ ମୂଲ୍ୟ ଓ ସର୍ବୋପରି ଭାଷା ତାତ୍ତ୍ୱିକ ମୂଲ୍ୟ ନିହିତ, ପୁଣି ବାଥୁଡ଼ିମାନଙ୍କ ବେଶଭୂଷା, ପୌରାଣିକତା, ରସ ପରିଚର୍ଯ୍ୟା, କର୍ମବାଦ ଓ ଭାଗ୍ୟବାଦର ଚିତ୍ର ଏହି ଲୋକ ସାହିତ୍ୟ ଜରିଆରେ ପ୍ରତିଫଳିତ ହୋଇଥାଏ।

ଏକଥା ସତ ଯେ ବର୍ତ୍ତମାନର ଜଗତୀକରଣ ଯୁଗରେ କେହି ଅଲଗା ରହିପାରିବେ ନାହିଁ । ସେହିପରି ବାଥୁଡ଼ି ଲୋକ ସାହିତ୍ୟ ଆଜି ଆଉ ନିରୋଳା ସାହିତ୍ୟ ହୋଇ ରହିନାହିଁ। ଅନ୍ୟ ଜାତି, ଅନ୍ୟ ସଂପ୍ରଦାୟର ଲୋକ ସାହିତ୍ୟର ପ୍ରଭାବରେ ପ୍ରଭାବିତ ହୋଇ ଏହା ସବୁଜାତିର ହୋଇ ଯାଇଛି। ତଥାପି ତା'ଭିତରୁ ବାଥୁଡ଼ି ଲୋକସାହିତ୍ୟକୁ ଚିହ୍ନଟ କରି ନିବନ୍ଧର ବିଷୟବସ୍ତୁ 'ବାଥୁଡ଼ି ଲୋକ ସାହିତ୍ୟ: ଏକ ଅଧ୍ୟୟନ' ରଖାଯାଇଛି। ନିଜକୁ ଜାଣିବାକୁ, ନିଜକୁ

ଚିହ୍ନିବାକୁ ପ୍ରଥମେ ନିଜ ଜାତି, ଦେଶକୁ ଜାଣିବାକୁ ପଡ଼ିଥାଏ। ନିଜ ଜାତି ସମ୍ପର୍କରେ ଅଧିକରୁ ଅଧିକ ଜାଣିବାର ଆଗ୍ରହ ଗବେଷଣା କରିବାର ଯଥେଷ୍ଟ ଖୋରାକ ଯୋଗାଇଲା। ଏଥିପାଇଁ ଲୋକସାହିତ୍ୟ ମାଧ୍ୟମରେ ଅନୁପଲବ୍ଧ ତଥ୍ୟକୁ ସାମ୍ନାକୁ ଆଣିବାର ଚେଷ୍ଟା କରାଯାଇଛି। ସ୍ୱୟଂ ନିଜେ ଜଣେ ବାଥୁଡ଼ି ସଂପ୍ରଦାୟରେ ଜନ୍ମିତ ତଥା ପ୍ରତ୍ୟକ୍ଷ ଭାବେ ଏହି ଜାତି ସହ ସଂଶ୍ଳିଷ୍ଟ ହୋଇଛି। ମା'ର ଭାବ ପ୍ରବଣତା ବା ମୋହକୁ ତ୍ୟାଗ କରି ବିଚାରପତି ସଦୃଶ ନିରପେକ୍ଷ ଭାବେ ଯୁକ୍ତି ଓ ଉପଯୁକ୍ତ ତଥ୍ୟଦ୍ୱାରା ଏହି ଗବେଷଣା ନିବନ୍ଧଟିକୁ ତ୍ୱରାନିତ କରିବାକୁ ଚେଷ୍ଟା କରାଯାଇଛି। ଏହା ପୂର୍ବରୁ ଡ. ଶରତଚନ୍ଦ୍ର ନାୟକଙ୍କ ନିବନ୍ଧ 'ବାଥୁଡ଼ି ସଂପ୍ରଦାୟର ସଂସ୍କୃତି: ଏକ ଅଧ୍ୟୟନ' ଗବେଷଣା ହୋଇଛି, ସେଥିରେ ବାଥୁଡ଼ି ଜାତିର ସମାଜ ଓ ସଂସ୍କୃତି ବିଷୟରେ ଆଲୋଚନା ହୋଇଛି। ଡ. ରବିନ୍ଦ୍ର କୁମାର ଶତପଥୀଙ୍କ ଦ୍ୱାରା ବାଥୁଡ଼ି ଲୋକସାହିତ୍ୟର ସଂଗ୍ରହ କାର୍ଯ୍ୟ ହୋଇଥିଲେ ବି ଏଥିରେ ବାଥୁଡ଼ି ଲୋକକାହାଣୀ ହିଁ ପରିପୁଷ୍ଟ, ମାତ୍ର ଢଗଢମାଳି, ପ୍ରବାଦ ପ୍ରବଚନ ନାଁଦିଆକୁ ସଂପୂର୍ଣ୍ଣ ଉପେକ୍ଷା କରାଯାଇଛି। ରଞ୍ଜନ କୁମାର ମହାନ୍ତଙ୍କଦ୍ୱାରା 'ମୟୁରଭଞ୍ଜର ଚାଙ୍ଗୁରେ ସାମାଜିକ ଓ ସାହିତ୍ୟିକ ଅଧ୍ୟୟନ'ରେ ଯେଉଁ ଆଦିବାସୀମାନେ ଚାଙ୍ଗୁ ବଜାନ୍ତି, ସେମାନଙ୍କ ନୃତ୍ୟ ଓ ଗୀତରେ ସୀମିତ। ଏହା ବ୍ୟତୀତ ଶରତ ନାଏକଙ୍କ 'ମୟୁରଭଞ୍ଜ ସଂସ୍କୃତିରେ ବାଥୁଡ଼ି ଜନଜାତି' ପୁସ୍ତକ ଆକାରରେ ପ୍ରକାଶିତ ହେଲେ ବି ଏଥିରେ ବାଥୁଡ଼ି ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଇଛି। ମାତ୍ର ଏହି ନିବନ୍ଧରେ ବାଥୁଡ଼ିମାନଙ୍କ ସାମାଜିକ, ଐତିହାସିକ ଓ ନୃତାତ୍ତ୍ୱିକ ଦିଗପ୍ରତି ଦୃଷ୍ଟି ଦିଆଯାଇଛି ଏବଂ ଅନ୍ୟ ସଂପ୍ରଦାୟଠୁ ଏହାର ସ୍ୱାତନ୍ତ୍ର୍ୟକୁ ଧ୍ୟାନ ଦିଆଯାଇଛି। ବାଥୁଡ଼ି ଲୋକସାହିତ୍ୟ ବିଷୟରେ ଅଦ୍ୟାବଧି କୌଣସି ବିଧିବଦ୍ଧ ଗବେଷଣା ହୋଇ ନଥିବାରୁ ଓ ବର୍ତ୍ତମାନ ସମୟରେ ଲୋକସାହିତ୍ୟକୁ ନେଇ ଯେଉଁ ପର୍ଯ୍ୟାଲୋଚନା ଚାଲିଛି। ଏଥିପାଇଁ ବିଧିବଦ୍ଧ ଗବେଷଣା କରାଯିବାର ଆବଶ୍ୟକତା ରହିଥିଲା। ଏହି ଗବେଷଣାତ୍ମକ ଆଲୋଚନା ଦ୍ୱାରା ବାଥୁଡ଼ି ଲୋକସାହିତ୍ୟର ମହତ୍ତ୍ୱ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସେଥିରେ ନିହିତ ଚିତ୍ର ଯଥାର୍ଥ ଭାବରେ ପ୍ରକଟିତ ହୋଇପାରିଛି ବୋଲି ମୋର ଦୃଢ଼ ବିଶ୍ୱାସ।

ଆଲୋଚନାର ସୁବିଧା ପାଇଁ ନିବନ୍ଧକୁ ପାଞ୍ଚଟି ଅଧ୍ୟାୟରେ ବିଭକ୍ତ କରାଯାଇଛି। ପାଞ୍ଚଟି ଅଧ୍ୟାୟର ନିଷ୍କର୍ଷ ଉପସଂହାରରେ ପ୍ରତିପାଦନ କରାଯାଇଛି। ଏହାପରେ ସହାୟକ ଗ୍ରନ୍ଥସୂଚୀ

ସ୍ଥାନିତ କରାଯାଇ ପରିଶିଷ୍ଟରେ କ୍ଷେତ୍ର ଅଧ୍ୟୟନ ସମୟରେ ତତ୍ତ୍ୱୋଳିତ ଆଲୋକ ଚିତ୍ର ସ୍ଥାନିତ କରାଯାଇଛି ।

ପ୍ରଥମ ଅଧ୍ୟାୟରେ 'ବାଥୁଡ଼ି: ଏକ ପରିଚିତି' ରଖାଯାଇ ତାକୁ ସାତ ଭାଗରେ ଭାଗ କରାଯାଇଛି । ଏହି ଅଧ୍ୟାୟରେ ବାଥୁଡ଼ି କିଏ, ବାଥୁଡ଼ିମାନେ କ'ଣ କରନ୍ତି, ସେମାନଙ୍କ ସାମାଜିକ, ଐତିହାସିକ, ଭୌଗୋଳିକ, ଅର୍ଥନୈତିକ, ରାଜନୈତିକ ଓ ଧାର୍ମିକ ସ୍ଥିତିର ଆଲୋଚନା କରାଯାଇଛି । ଏହାବାଦ୍ ଏଥିରେ 'ଲୋକସାହିତ୍ୟ' ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି ।

୨ୟ ଅଧ୍ୟାୟରେ 'ବାଥୁଡ଼ି ଲୋକଗୀତ' ରଖାଯାଇଛି ଏଥିରେ ବାଥୁଡ଼ିମାନଙ୍କ ବଡ଼ାମ ଗୀତ, ବିବାହ ଗୀତ, ଦୋଳିଗୀତ ଓ ଶିଶୁଗୀତକୁ ସ୍ଥାନିତ କରି ଆଲୋଚନା କରାଯାଇଛି ।

୩ୟ ଅଧ୍ୟାୟରେ 'ବାଥୁଡ଼ି ଲୋକକାହାଣୀ'କୁ ସ୍ଥାନିତ କରାଯାଇଛି । ଏଥିରେ ଅଛି ବାଥୁଡ଼ିମାନଙ୍କ ସାମାଜିକ ଜୀବନ ବିଷୟକ, ରାଜାମନ୍ତ୍ରୀ, କଟୁଆଳ, ପଶୁପକ୍ଷୀ, ଅସୁର ଅସୁରୁଣୀ ଓ ଦେବତା ବିଷୟକ କାହାଣୀର ସାରାଂଶ ସହ ଆଲୋଚନା ।

୪ର୍ଥ ଅଧ୍ୟାୟରେ 'ବାଥୁଡ଼ି ଚାଙ୍ଗୁନୃତ୍ୟ ଓ ଗୀତ'କୁ ସ୍ଥାନିତ କରି ସେଥିରେ ବାଥୁଡ଼ିମାନଙ୍କ ପ୍ରିୟ ନୃତ୍ୟ ଚାଙ୍ଗୁ ଓ ଗୀତକୁ ଆଲୋଚନା କରାଯାଇଛି ।

୫ମ ଅଧ୍ୟାୟରେ 'ବାଥୁଡ଼ି ପ୍ରବାଦ ପ୍ରବଚନ, ଢଗଢମାଳି ନାଁଦିଆକୁ ସ୍ଥାନିତ କରାଯାଇଛି । ଏଥିରେ ବାଥୁଡ଼ିପ୍ରବଣ ଅଞ୍ଚଳରେ ପ୍ରଚଳିତ ପ୍ରବାଦ ପ୍ରବଚନ, ଢଗଢମାଳି ଓ ନାଁଦିଆ ସମ୍ପର୍କରେ ଆଲୋଚନା କରାଯାଇଛି ।